# କୃଷି ସୂଚନା ସେବା (ଧାନ)
# କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**୨୦୧୭ ମସିହା ଅପ୍ରେଲ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଅଧିକ ଅମଳକ୍ଷମ ଧାନ ରୋଇବାର୬୦ ଦିନ ପରେ ଅନୁମୋଦିତ ପରିମାଣର ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର(ହେକ୍ଟର ପିଛା ୫୨ କି.ଗ୍ରା ହିସାବରେ ୟୁରିଆ) ଶେଷ କିସ୍ତି ସାର ହିସାବରେ ପ୍ରୟୋଗ କରନ୍ତୁ । ମାତ୍ର ଶଙ୍କର କିସମ ଧାନରେ ଅନୁମୋଦିତଯବକ୍ଷାରଜାନ ଏବଂ ପଟାସ୍ ସାରର ଏକ ଚତୁର୍ଥାଂଶ( ୟୁରିଆ ହେକ୍ଟର ପିଛା ୬୫ କି.ଗ୍ରା ଏବଂ ପଟାସ୍ ସାର ହେକ୍ଟର ପିଛା ୨୫ କି.ଗ୍ରା) ହିସାବରେ ଶେଷ କିସ୍ତି ସାର ଭାବରେ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡି ପୋକ ଉପଦ୍ରୁତ ଅଞ୍ଚଳରେ ଶେଷ କିସ୍ତି ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ।

- କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଏହି ପକ୍ଷରେ ଦେଖାଦେଇପାରେ । ଏହାର ସର୍ବେକ୍ଷଣ ପାଇଁ ଯୌନସଂବେଦନଶୀଳ ଯନ୍ତା ବସାନ୍ତୁ ଅଥବା ନିଜେ ବୁଲାବୁଲି କରି ତାର ଅବସ୍ଥା ନିରକ୍ଷଣ କରନ୍ତୁ । ଏହାର ସଂଖ୍ୟା ଆର୍ଥିକ ଦେହଳୀ ସୀମାରୁ(ଏକ ବର୍ଗମିଟରରେ ଗୋଟିଏ ଅଣ୍ଡାପୁଞ୍ଜ କିମ୍ବା ୧-୨ ଟି ପ୍ରଜାପତି କିମ୍ବା ଦିନକୁ ପ୍ରତି ଯନ୍ତାରେ ୪-୫ ଟି ପୁରୁଷ ପ୍ରଜାପତି କିମ୍ବା ପ୍ରତି ବର୍ଗମିଟର ପିଛା ୧-୨ ଟି ମଞ୍ଜକିଳା) ଅଧିକ ହେଲେ ନିମ୍ନଲିଖିତ କୀଟନାଶକ ଔଷଧରୁ ଯେକୌଣସିରୁ ଗୋଟିଏ ପ୍ରୟୋଗ କରନ୍ତୁ ।

  କ୍ଲୋରାନ୍ଟ୍ରାନିଲିପ୍ରୋଲ-୧୮.୫ SC ୬୦ ମି.ଲି./ଏକର କିମ୍ବା

  ଟ୍ରାୟାଜୋଫସ୍ ୪୦ EC ୫୦୦ ମି.ଲି./ଏକର କିମ୍ବା

  କ୍ଲୋରୋପାଇରିଫସ୍ ୨୦ EC ୫୦୦ ମି.ଲି./ଏକର

  ସର୍ବଦା ପ୍ରତି ଏକର ପିଛା ୨୦୦ ଲିଟର ହିସାବରେ ପାଣି ବ୍ୟବହାର କରିବା ଉଚିତ୍ । କେବଳ ମଞ୍ଜକିଳା ଦେଖାଦେଲେ ଦାନାଦାର ଔଷଧ ଯଥା କାର୍ବୋଫ୍ୟୁରାନ୍(୩ G) ଏକର ପିଛା ୧୨ କି.ଗ୍ରା. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍(୪G) ପ୍ରତି ଏକର ପିଛା ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ଯେଉଁ ସ୍ଥାନ ମାନଙ୍କରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ପୋକ, ପତ୍ରମୋଡା ପୋକ ମାନଙ୍କର ପ୍ରାଦୁର୍ଭାବ ଅଧିକ ସେଠାରେ ସେମାନଙ୍କ ସଂଖ୍ୟାର ସର୍ବେକ୍ଷଣ କରିବା ଆବଶ୍ୟକ । ସେମାନଙ୍କ ଆର୍ଥିକ ଦେହଳୀ ସୀମା ନିମ୍ନରେ ଦିଆଗଲା

  ପତ୍ରମୋଡା ପୋକ - ପ୍ରତି ବୁଦାରେ ୧ ରୁ ୨ ନଷ୍ଟ ହୋଇଥିବା ପତ୍ର

  ବାଦାମୀଗୁଣ୍ଡି ପୋକ - ପ୍ରତି ବୁଦାରେ ୫-୧୦ଗୋଟି ପୋକ

  ଧଳା ପତ୍ରଡିଆଁ ପୋକ- ପ୍ରତି ବୁଦାରେ ୫-୧୦ଗୋଟି ପୋକ

  ଯଦି ଆର୍ଥିକ ଦେହଳୀ ସୀମାରୁ ଅଧିକ ସଂଖ୍ୟାରେ ପୋକ ଦେଖା ଦିଅନ୍ତି ତେବେ ନିମ୍ନଲିଖିତ ପୋକମରା ଔଷଧରୁ ଯେକୌଣସି ଗୋଟିଏ ପ୍ରତି ହେକ୍ଟର ପିଛା ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

  ପତ୍ରମୋଡା ପୋକ - ଟ୍ରାୟାଜୋଫସ୍ ୪୦ E.C @ ୬୨୫ ମି.ଲି./ହେକ୍ଟର

ଥାୟାମେଥୋକ୍ସାମ୍ ୨୫ W.G ୧୦୦ ଗ୍ରା./ହେକ୍ଟର

ନିମ୍ବତେଲ @ ୫ ମି.ଲି./ଲିଟର ପାଣିରେ ଶତକଡ଼ା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରିବା ଦରକାର

ବାଦାମୀ ଗୁଣ୍ଡି ପୋକ/ଧଳା ପତ୍ରଡିଆଁ ପୋକ-

ଇମିଡାକ୍ଲୋପ୍ରିଡ୍ ୧୭.୮ S.L @ ୧୨୫ ମି.ଲି./ହେକ୍ଟର

ଥାୟାମେଥୋକ୍ସାମ୍ ୨୫ W.G @ ୧୦୦ ଗ୍ରା./ହେକ୍ଟର

ଇଥୋଫେନୋପ୍ରୋକ୍ସ ୧୦ E.C @ ୫୦୦ ମି.ଲି./ହେକ୍ଟର

ନିମ୍ବତେଲ @ ୫ ମି.ଲି./ଲିଟର ପାଣି ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରିବା ଉଚିତ୍ ।

ବି.ଦ୍ର.: ବାଦାମୀ ଗୁଣ୍ଡି ପୋକ/ଧଳା ପତ୍ରଡିଆଁ ପୋକର ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳକୁ ଗୋଟିଏ ଠେଙ୍ଗା ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ପାଣିକୁ ଡେଇଁ ପଡିବେ । ସେଥିରୁ ଆମେ ସେମାନଙ୍କ ପ୍ରାର୍ଦୁଭାବ ଜାଣିପାରିବା ।

❖ ମହିଷା ରୋଗ ଦମନ ପାଇଁ କାରବେନ୍ ଡାଜିମ୍ ୫୦ W.P ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କିମ୍ବା ଟ୍ରାଇସାଇକ୍ଲୋଜଲ୍ ୭୫ W.P ପ୍ରତିଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ମିଶାଇ ପ୍ରୟୋଗ କରନ୍ତୁ ।

❖ ବାଦାମି ପତ୍ର ଚିତା ରୋଗ ଦମନ ପାଇଁ ପ୍ରତିଲିଟର ପାଣିରେ ୩ ଗ୍ରାମ ହିସାବରେ ମ୍ୟାନ୍‌କୋଯେବ୍ ଅଥବା ୧ ମି.ଲି. ପ୍ରୋପିକୋନାଜଲ ମିଶାଇ ପ୍ରୟୋଗ କରନ୍ତୁ । ଏଥିସହିତ ପଟାସ୍ ସାର ପ୍ରତି ଏକର ପିଛା ୬ କି.ଗ୍ରା. ହିସାବରେ(ମ୍ୟୁରେଟ୍ ଅଫ୍ ପଟାସ୍ ୧୦ କି.ଗ୍ରା./ଏକର) ପ୍ରୟୋଗ କରନ୍ତୁ ।

*****